# NATIONAL NEWS BULLETIN (ODIA)

**6 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର

- ବିକଶିତ ଆସାମ ସହ ବିକଶିତ ଭାରତ ଗଠନ ଦିଗରେ ବିଜେପି କାର୍ଯ୍ୟ କରୁଛି, କହିଲେ ପ୍ରଧାନମନ୍ତ୍ରୀ

- ଅରୁଣାଚଳ ପ୍ରଦେଶରେ ସାର୍ବଜନୀନ ଠିକା ଆବଣ୍ଟନ ମାମଲାର ପ୍ରାଥମିକ ତଦନ୍ତ ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

- ବିଜେପିର ୪୭ତମ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ

- ଭାରତ ଅଭିମୁଖେ ଆସୁଥିବା ଏଲ୍‌ପିଜି ଟ୍ୟାଙ୍କର ଗ୍ରୀନ୍ ଆଶା' ଅତିକ୍ରମ କଲା ହର୍ମୁଜ ପ୍ରଣାଳୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯିବ ମ୍ୟାଚ୍

---

## ଇଲେକ୍ସନ କ୍ୟାମ୍ପେନ

ଆସାମ, କେରଳମ୍ ଏବଂ ପୁଡୁଚେରୀରେ ବିଧାନସଭା ପାଇଁ ନିର୍ବାଚନ ପ୍ରଚାର କାର୍ଯ୍ୟ ଆସନ୍ତାକାଲି ଶେଷ ହେବ । ଏହି ୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତା ୯ ତାରିଖ ଗୁରୁବାର ଦିନ ଏକକ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ବିଭିନ୍ନ ଦଳ ପକ୍ଷରୁ ଏଥିନିମନ୍ତେ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଛି ।

## ପିଏମ୍-ଆସାମ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜେପି ଦୂରଦୃଷ୍ଟି ସହକାରେ ଦେଶରେ କାର୍ଯ୍ୟ କରୁଛି । ଆସାମର ବାର୍‌ପେଟାଠାରେ ଆଜି ନିର୍ବାଚନ ର୍‍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଆସାମର ଲକ୍ଷ୍ୟ ସହିତ ଦଳ ବିକଶିତ ଭାରତ ଗଠନ ଦିଗରେ କାର୍ଯ୍ୟ କରୁଛି । ଗତ ଦଶନ୍ଧି ଧରି ଦଳ ଉତ୍ସର୍ଗୀକୃତ ମନୋଭାବ ସହ ଆସାମରେ ଶାନ୍ତି ଓ ସଂହତି ବଜାୟ ରଖିବା ଲାଗି କାର୍ଯ୍ୟ କରୁଛି । ଆଗାମୀ ଦିନରେ ଦଳ ଆସାମର ସମୃଦ୍ଧିକୁ ବ୍ୟାପକ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ପ୍ରଥମ ମନ୍ତ୍ର ସହ ଦଳ ଦେଶମାତୃକାର ସେବା ପାଇଁ ସର୍ବଦା କାର୍ଯ୍ୟ କରୁଛି ।

**V/O (PM- Asam)**

---

## କେରଳମ କ୍ୟାମ୍ପେନ୍

କେରଳମ୍‌ରେ ୧୪୦ଟି ବିଧାନସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ରୋଡ୍‌ଶୋ ଏବଂ ସଭାମାନ ଆୟୋଜନ କରାଯାଇଛି । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ

ଶାହା ଆଜି ହରିପଥ୍‌ଠାରେ ଏକ ରୋଡ ଶୋ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ମଧ୍ୟ ବିଭିନ୍ନ ସ୍ଥାନରେ ଦଳ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି । ସିପିଏମ୍ ନେତା ତଥା କେରଳମର ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ତାଙ୍କ ସରକାରଙ୍କ ପ୍ରଗତିକାର୍ଡ ଉନ୍ମୋଚନ କରିଛନ୍ତି । ଆଜି ଉଦୁମାଠାରେ ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ରୋଡ୍‌ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ ।

ପୁଡୁଚେରୀକୁ ଏକ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ କଂଗ୍ରେସ ଦଳର ପ୍ରତିବଦ୍ଧତା ରହିଛି ବୋଲି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ କହିଛନ୍ତି । ପୁଡୁଚେରୀରେ ଲସ୍‌ପେଟ୍‌ଠାରେ ଏକ ଜନସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କଂଗ୍ରେସ ମେଣ୍ଟ କ୍ଷମତାକୁ ଆସିଲେ ବେରୋଜଗାର ଯୁବବର୍ଗଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇଦେବ ଏବଂ ରାଷ୍ଟ୍ରାୟତ ଓ ଘରୋଇ କ୍ଷେତ୍ରରେ ୩୦ ହଜାର ନୂତନ କର୍ମନିଯୁକ୍ତି ସୃଷ୍ଟି କରିବ ।

ଅନ୍ୟପକ୍ଷରେ  ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପୁଡୁଚେରୀରେ ପହଞ୍ଚି ଏନ୍‌ଡିଏ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ । ସେ ଥିରୁକାନୁର୍ ମେନ୍‌ରୋଡ୍‌ଠାରେ ଏଲକ ଜନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

.....................................................................

# ଡବ୍ଲୁବି-କ୍ୟାମ୍ପେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି କୁଚ୍‌ବିହାରଠାରେ ବିଜେପିର ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ କରିବା ପରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ର୍‍ୟାଲି, ସଭାମାନ ଆୟୋଜନ କରାଯାଉଛି । ଭୋଟରମାନଙ୍କୁ ନିଜ ନିଜ ଦଳକୁ ଆକୃଷ୍ଟ କରିବା ଲାଗି ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି । ଶ୍ରୀ ମୋଦୀ ତୃଣମୂଳ ସରକାରକୁ ସମାଲୋଚନା କରି କହିଛନ୍ତି, ଆଇନଶୃଙ୍ଖଳା ରକ୍ଷା ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଜ୍ୟରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ।

ଅପରପକ୍ଷରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାକୁ ଗୁରୁତ୍ୱପ୍ରଦାନ କରିବା ସହ ବିଜେପିକୁ ସମାଲୋଚନା କରିଛି । କଂଗ୍ରେସ ଦଳ ପକ୍ଷରୁ ମାଲଦା ଏବଂ ମୁର୍ସିଦାବାଦ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିଧାନସଭା ନିର୍ବାଚନ ପ୍ରଚାର ଅଭିଯାନ କରାଯାଇଛି । ଦଳ ପକ୍ଷରୁ ଅଧୀରରଂଜନ ଚୌଧୁରୀ ଏବଂ ପୂର୍ବତନ ଟିଏମ୍‌ସି ରାଜ୍ୟସଭା ସଦସ୍ୟ ମୌସମ ବେନ୍‌ଜିର ନୌରଙ୍କୁ ପ୍ରାର୍ଥୀ କରାଯାଇଛି । ରାଜ୍ୟରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

# ଆର୍‌ଏସ୍ ଓଥ୍

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଆଜି ରାଜ୍ୟସଭାକୁ ନୂତନ ଭାବେ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କୁ ଶପଥପାଠ କରାଇଛନ୍ତି। କେନ୍ଦ୍ର

ରାଷ୍ଟ୍ରମନ୍ତ୍ରୀ ରାମଦାସ ବନ୍ଧୁ ଅଠାୱାଲେ ଏବଂ ବରିଷ୍ଠ ଏନ୍‌ସିପି ନେତା ଶରଦଚନ୍ଦ୍ର ପାୱାର ଶପଥ ନେଇଛନ୍ତି । ଉଭୟ ନେତା ମହାରାଷ୍ଟ୍ରରୁ ପୁନଃ ନିର୍ବାଚିତ ହୋଇଛନ୍ତି । ଶ୍ରୀ ରାଧାକ୍ରିଷ୍ଣନ' ସଂତୃପ୍ତ ମିଶ୍ର, ମନମୋହନ ସାମଲ, ଡକ୍ଟର ଜ୍ୟୋତି ନାଗ୍‌ନାଥ ୱାଘମାରେ, ରାମରାଓ ସଖାରାମ ୱାଡକୁଟେ ପ୍ରମୁଖଙ୍କୁ ଶପଥପାଠ କରାଇଛନ୍ତି ।

## ପିଏମ୍-ଏଚ୍ଏମ୍ ବିଜେପି ଫାଉଣ୍ଡେସନ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ବରିଷ୍ଠ ବିଜେପି ନେତୃବୃନ୍ଦ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରମୁଖ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଦଳ ଭାରତ ପ୍ରଥମ ନୀତିକୁ ଅନୁସରଣ କରି ଦେଶସେବାରେ ନିଜକୁ ବ୍ରତୀ କରିପାରିଛି । ବିଜେପି କର୍ମୀମାନେ  ନିଃସ୍ୱାର୍ଥପର ସେବା, ଉତ୍ସର୍ଗୀକୃତ ମନୋଭାବ ଏବଂ ଦୃଢ଼ ପ୍ରତିଶ୍ରୁତିବଦ୍ଧତା ସହ କାମ କରୁଛନ୍ତି । ଶ୍ରୀ ମୋଦୀ ଅଗଣିତ ବିଜେପି କର୍ମୀମାନଙ୍କ ଉତ୍ସର୍ଗୀକୃତ ଏବଂ ତ୍ୟାଗ ମନୋଭାବ ଯୋଗୁଁ ଗତ ଦଶନ୍ଧିରୁ ଊର୍ଦ୍ଧ୍ୱ ଦଳର ବିକାଶ ହୋଇପାରିଛି ବୋଲି କହିଛନ୍ତି । ଶ୍ରୀ ମୋଦୀ ଏହି ଅବସରରେ ଏକ ଭିଡ଼ିଓ ବାର୍ତ୍ତା ଦେଇ କହିଛନ୍ତି, ଦେଶସେବା ଦିଗରେ ଦଳ ନିଜର କୃତଜ୍ଞତା ପ୍ରକାଶ କରିବା ଲାଗି ଏହି ଦିବସ ସୁଯୋଗ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ଆଜିର ଏହି ଦିନରେ ବିଜେପିର ପ୍ରତିଷ୍ଠାତା ସଦସ୍ୟ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଦୀନଦୟାଲ ଉପାଧ୍ୟାୟ, ନାନାଜୀଦେଶମୁଖ, କୁଶାଭାଉ ଠାକ୍‌ରେ, ଅଟଳ ବିହାରୀ ବାଜପେୟୀ,

ଡକ୍ଟର ଲାଲକୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଯୋଶୀଙ୍କୁ ସ୍ମରଣ କରିଛନ୍ତି ।

**V/O**

ଶ୍ରୀ ଶାହା କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଦଳ  ଦେଇଥିବା ପ୍ରତିଶ୍ରୁତି ପ୍ରମୁଖ ପ୍ରସ୍ତାବକୁ ପୂରଣ କରିଛି ଓ ଭାରତୀୟ ସଂସ୍କୃତି ଏବଂ ଦେଶ ଗଠନ ଦିଗରେ ଦଳର ପ୍ରତିବଦ୍ଧତା ବଜାୟ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି ।

ଶ୍ରୀ ନବୀନ କହିଛନ୍ତି, ଦେଶ ପ୍ରଥମ ନୀତିକୁ ଦଳ ଅନୁସରଣ କରି ଏବଂ ସମସ୍ତ ଦଳୀୟ କର୍ମୀମାନଙ୍କୁ ଏକତ୍ରିତ ହୋଇ ବିକଶିତ ଭାରତ ଗଠନ ଦିଗରେ ପୂର୍ଣ୍ଣ ଶକ୍ତି ଓ ସାମର୍ଥ୍ୟ ସହକାରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

---

# ଏସ୍‌ସି-ପେମା ଖଣ୍ଡୁ

ସୁପ୍ରିମକୋର୍ଟ’ ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ସାର୍ବଜନୀନ ଠିକା ଆବଣ୍ଟନ ମାମଲାରେ ଅନିୟମିତତା ଅଭିଯୋଗ ଘଟଣାର ପ୍ରାଥମିକ ତଦନ୍ତ କରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଏବଂ ତାଙ୍କ ସଂପର୍କୀୟମାନଙ୍କ ସହ ସଂପୃକ୍ତ କମ୍ପାନୀଗୁଡ଼ିକ ବିରୁଦ୍ଧରେ ଅଭିଯୋଗ ହୋଇଥିଲା । ସୁପ୍ରିମକୋର୍ଟ ସିବିଆଇକୁ ଏହିଘଟଣା ସଂକ୍ରାନ୍ତ ରିପୋର୍ଟ ଦେବା ଲାଗି ୧୬ ସପ୍ତାହ ସମୟ ପ୍ରଦାନ କରିଛନ୍ତି । ରିପୋର୍ଟ ଆଧାରରେ ଘଟଣାର ପୁନଃ ସ୍ୱାଧୀନ ତଦନ୍ତ ହେବା ନେଇ ନିଷ୍ପତ୍ତି ନିଆଯିବ । ୨୦୧୫ ମସିହା ଜାନୁଆରୀରୁ ୨୦୨୫ ଡିସେମ୍ବର ମଧ୍ୟରେ ଦିଆଯାଇଥିବା ସାର୍ବଜନୀନ ଚୁକ୍ତି ଘଟଣାର ତଦନ୍ତ କରାଯିବ । ଏହି ଅବଧି ବାହାରେ ଦିଆଯାଇଥିବା ଠିକା ଗୁଡ଼ିକର

ମଧ୍ୟ ତଦନ୍ତ କରାଯିବ । ସମସ୍ତ ତଦନ୍ତରେ ରାଜ୍ୟ ଏବଂ ବିଭାଗ ଗୁଡ଼ିକ ସିବିଆଇକୁ ସହଯୋଗ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

## ଗ୍ରୀନ୍ ଆଶା-ହର୍ମୋଜ

ଭାରତୀୟ ପତାକାଧାରୀ ଏଲ୍‌ପିଜି ଟ୍ୟାଙ୍କର ଗ୍ରୀନ୍ ଆଶା ସଫଳତାର ସହ ଇରାନ ନିକଟବର୍ତ୍ତୀ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି । ଏହା ହେଉଛି ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା  ଲାଗିରହିବା ପରଠାରୁ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିଥିବା ନବମ ଭାରତୀୟ ଜାହାଜ । ଏହି ପ୍ରଣାଳୀରେ ୨୦ ପ୍ରତିଶତ   ପେଟ୍ରୋଲିୟମଜାତ ସାମଗ୍ରୀ ପରିବହନ ହୋଇଥାଏ । ଏହା ହେଉଛି ଶକ୍ତି ଯୋଗାଣର ପ୍ରମୁଖ ମାର୍ଗ । ପୂର୍ବରୁ BW TYR, BW ELM, ପାଇନ୍ ଗ୍ୟାସ୍ ଏବଂ ଜଗ ବସନ୍ତ , ଏହି ଏଲ୍‌ପିଜି ଟ୍ୟାଙ୍କର ମାଧ୍ୟମର ୯୨ ହଜାର ଟନ୍ ଏଲ୍‌ପିଜି ଭାରତକୁ ଆସିଥିବାବେଳେ ଜଗ୍ ଲଡ୍‌କି ଏବଂ ଜଗ୍ ପ୍ରକାଶ ତେଲ ଟ୍ୟାଙ୍କର ମାଦ୍ୟମରେ ଅଶୋଧିତ ତୈଳ ଏବଂ ଗ୍ୟାସୋଲିନ୍’ ୟୁଏଇ ଓ ଓମାନ୍‌ରୁ ଆସିଛି । ନିକଟରେ ଗ୍ରୀନ୍ ସାନ୍‌ଭି ନାମକ ଅନ୍ୟ ଏକ ଟ୍ୟାଙ୍କରରେ ୪୬ ହଜାର ୬୫୦ ମେଟ୍ରିକ୍ ଟନ୍ ମାଲ୍ ଭାରତକୁ ଆସିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ନୂତନ ଆୟକର ଆଇନ, ୨୦୨୫** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ। ସିବିଡିଟି ର ଯୁଗ୍ମ ସଚିବ ପିତାମ୍ବର ଦାସ ଏବଂ ଅର୍ଥନୈତିକ ବିଶ୍ଳେଷକ ଶରଦ କୋହଲି ଆଲୋଚନାରେ ଭାଗ

ନେବେ। କାର୍ଯ୍ୟକ୍ରମ ପ୍ରସାରଣ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ। ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ। ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ  ଆଜି  ପଞ୍ଜାବ କିଙ୍ଗ୍ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । କୋଲକାତା ଇଡେନ୍ ଗାର୍ଡେନ୍‌ସଠାରେ ଆଜି ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ରାତିରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ  ୪୩ ରନରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱାରା ଧାର୍ଯ୍ୟ ୨୫୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି, ଚେନ୍ନାଇ ସୁପର କିଙ୍ଗସ ସମସ୍ତ ୱିକେଟ ହରାଇ ୨୦୭ ରନ ସ୍କୋର କରିଥିଲା।

ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ  ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୫ ୱିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ  ପରାସ୍ତ କରିଥିଲା।

........................................................................